

ନିଜ ବିବେକର ନିର୍ଦ୍ଦେଶ ମାନି କାର୍ଯ୍ୟ କଲେ ଯେଉଁ ଆନନ୍ଦ ମିଳେ, ସେ ଆନନ୍ଦ ଅନ୍ୟ କେଉଁଠାରୁ ମିଳେ ନାହିଁ।
- ସେନେକା



## ସଂକ୍ଷେପରେ

### ଭୈରବ ଡିଗ୍ରୀ କଲେଜର ନୂତନ ଗୃହ ଉଦ୍‌ଘାଟିତ

ବୋରିଗୁମ୍ମା,୧୬।୨(ଡି.ଏନ.ଏ.): ବୋରିଗୁମ୍ମା ସ୍ଥାନୀୟ ୨୬ ନଂ ଜାତୀୟ ରାଜପଥ ପାର୍ଶ୍ୱ ଗୁଡ଼ିଗୁଡ଼ାରେ ଭୈରବ ଡିଗ୍ରୀ ମହାବିଦ୍ୟାଳୟର ନୂତନ ଗୃହ ଉଦ୍‌ଘାଟିତ ହୋଇଛି। ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରାମଚନ୍ଦ୍ର ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ବିଡିଓ ପ୍ରଣୟ ରଞ୍ଜନ ବେହେରା, କମିଟି ସମ୍ପାଦକ କେ. ନାଗରାଜ ଦୋରା, ସହସମ୍ପାଦକ ସୁବାସ ନାୟକ ଏବଂ ଅଧକ୍ଷ ଚିରଞ୍ଜୀବୀ ପଟ୍ଟନାୟକ ଉପସ୍ଥିତ ଥିଲେ।

### ଭୈରବ ମାଘ ମଣ୍ଡେଇ

ବୋରିଗୁମ୍ମା, ୧୬।୨(ଡି.ଏନ.ଏ.): ବୋରିଗୁମ୍ମା ଭୈରବ ମାଘ ମଣ୍ଡେଇ ଉତ୍ସବ ଭୈରବ ମନ୍ଦିରରେ ଅନୁଷ୍ଠିତ ହୋଇଛି। ଭୈରବ ଏବଂ ପାତାଳେଶ୍ୱରଙ୍କ ଦର୍ଶନ ନେଇ ମାଘମାସ ଶେଷ ଶୁକ୍ରବାରରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ଶ୍ରଦ୍ଧାଳୁଙ୍କ ପାଇଁ ପାନୀୟଜଳ ବ୍ୟବସ୍ଥା କରାଯାଇଥିଲା। ପୂର୍ବସୂଚୀ ମୁତାବକ ପୁରୁଣା ବୋରିଗୁମ୍ମାଠାରୁ ଭୈରବ ମନ୍ଦିର ପର୍ଯ୍ୟନ୍ତ ଭୈରବଙ୍କ ପ୍ରତୀକ ସ୍ୱରୂପ ଲାଠି ଶୋଭାଯାତ୍ରାରେ ବାହାରି ବିଭିନ୍ନ ଅଞ୍ଚଳ ଭ୍ରମଣ କରିଥିଲା। ଏହି ଅବସରରେ ଜମ୍ମୁ-କଶ୍ମୀରର ପୁଲଓ୍ୱାମା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନଙ୍କ ପାଇଁ ଯୁବଗୋଷ୍ଠୀଙ୍କ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା।

### ବିବେକାନନ୍ଦ ଜୀବନୀ ସମ୍ପର୍କିତ ବକ୍ତୃତା



ଲକ୍ଷ୍ମୀପୁର,୧୬।୨-ଲକ୍ଷ୍ମୀପୁର ବ୍ଲକ୍ କାକିରିଗୁମ୍ମା ଉଚ୍ଚବିଦ୍ୟାଳୟରେ ସ୍ୱାମୀ ବିବେକାନନ୍ଦଙ୍କ ଚିକାଗୋ ବକ୍ତୃତାମାଳାର ୧୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଏକ ବକ୍ତୃତାସଭା ଅନୁଷ୍ଠିତ ହୋଇଛି। ରାମକୃଷ୍ଣ ମିଶନ ହାଟ ମୁନିଗୁଡ଼ାର ସନ୍ୟାସୀ ପୁରମଥନା ନନ୍ଦ ମହାରାଜ, ସ୍ୱାମୀ ପ୍ରଭୁବରା ନନ୍ଦ ମହାରାଜ ମୁଖ୍ୟ ଅତିଥି ଓ ବକ୍ତାଭାବେ ଯୋଗଦେଇ ମାନବ ଜୀବନର ଲକ୍ଷ୍ୟ ସମ୍ପର୍କରେ ଉଦ୍‌ବୋଧନ ଦେଇଥିଲେ। ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ବିଷୋଇ, ଅବସରପ୍ରାପ୍ତ ଜିଲା ଶିକ୍ଷା ଅଧିକାରୀ ଜଗବନ୍ଧୁ ଦାଶ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ମୀନକେତନ ନାୟକ, ଶିକ୍ଷାବିତ ପ୍ରଦୀପ ମିଶ୍ର ପ୍ରମୁଖ ଯୋଗଦେଇ ସ୍ୱାମୀଜୀଙ୍କ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରଦୀପ ମିଶ୍ରଙ୍କ ଲିଖିତ ପୁସ୍ତକ 'ଆମ ଶିକ୍ଷା ବ୍ୟବସ୍ଥାରେ ମୋର ଦୃଷ୍ଟି, ଦର୍ଶନ ଓ ପ୍ରୟୋଗ' ଉନ୍ମୋଚିତ ହୋଇଛି। କୃତୀ ପୂଜାରାଣୀ ଡାକୁଆ, ଶ୍ରାବଣୀ ବିଷୋଇ, ଫାଲଗୁନୀ ବିଷୋଇଙ୍କୁ ପୁରସ୍କୃତ କରାଯାଇଛି। ଶିକ୍ଷକ ସଞ୍ଜୀବ ବିଷୋଇ, ମାନସରଞ୍ଜନ ଦାଶ, ଦେବାନନ୍ଦ ଚଣ୍ଡି, ବି. ସେଠୀ ଏବଂ ଜି. ସୁଜାତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

■ ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ

# ୮୦ % ଆସିଲେନି, ୧୦ ଲକ୍ଷ ପାଣିରେ

କୋଟପାଡ, ୧୬।୨(ଡି.ଏନ.ଏ.)



କୋଟପାଡ଼ ସହର ଦଶହରା ପଡ଼ିଆରେ ରାଜ୍ୟସ୍ତରୀୟ ଖଦି ଓ ଗ୍ରାମୋଦ୍ୟୋଗ ପ୍ରଦର୍ଶନୀ ପାଇଁ ଷ୍ଟଲ ପ୍ରସ୍ତୁତ ହୋଇଛି।

ବହୁ ଆଡମ୍ବରରେ ସାଜସଜା ହୋଇ ୬୫ଟି ଷ୍ଟଲ୍ ନିର୍ମାଣ ହେଲା। ରାଜ୍ୟ ତଥା ରାଜ୍ୟ ବାହାରରୁ ବହୁ ବ୍ୟବସାୟୀ ଆସିବେ ବୋଲି ମେଳା ପଡ଼ିଆରେ ସୂଚନା ଥିଲା। ସରକାରୀ କୋଷରୁ ୧୦ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ବି ହେଲା। ମେଳା ପଡ଼ିଆରେ ଆଖି ଝଲସିବା ପରି ବୈଦ୍ୟୁତିକ ଆଲୋକମାଳା ଏବଂ ସାଉଣ୍ଡମାଇକ୍ ଲଗାହୋଇ ସଜାହେଲା। କିନ୍ତୁ ବହୁ ଆଡମ୍ବରରେ ଲଘୁକ୍ରିୟା ପରି ଫଳାଫଳ ହେଲା।

କୋରାପୁଟ ଜିଲା କୋଟପାଡ଼ ସହର ଦଶହରା ପଡ଼ିଆରେ ଗତ ୧ ତାରିଖରେ ଓଡ଼ିଶା ଖଦି ଓ ଗ୍ରାମୋଦ୍ୟୋଗ ବୋର୍ଡ ଏବଂ ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗ ଆନୁକୂଲ୍ୟରେ ପ୍ରଦର୍ଶନୀ ମେଳା ଆରମ୍ଭ ହୋଇ ୧୪ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ମେଳା ଅନୁଷ୍ଠିତ କରାଯାଉଥିବା ନେଇ ପୂର୍ବରୁ କୌଣସି ଗ୍ରାମାଞ୍ଚଳ ତଥା ଜିଲାସ୍ତରୀୟ କିମ୍ବା ରାଜ୍ୟସ୍ତରୀୟ କ୍ଷୁଦ୍ର ଉଦ୍ୟୋଗୀଙ୍କୁ ଖବର ଦିଆଯାଇ ନ ଥିବାରୁ ଏଠାକୁ କେହି ଆସି ନ ଥିଲେ। ରାଜ୍ୟ ଖଦି ବୋର୍ଡ ସଭାପତି ତେଜେଶ୍ୱର ପରିଡା ମୁଖ୍ୟଅତିଥି ଏବଂ କୋରାପୁଟ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧକ୍ଷ କମୁଲୁ ଜାନି ସମ୍ମାନିତ ଅତିଥିଭାବେ ରହି ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନରେ ଆଖପାଖ ଗ୍ରାମାଞ୍ଚଳ ଲୋକମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ କରାଯାଇ ସେମାନଙ୍କୁ ବାଦ୍ୟ ଓ ନୃତ୍ୟ ସାମଗ୍ରୀ ପ୍ରଦାନ କରାଯାଇଥିଲା। ପରବର୍ତ୍ତୀ ସମୟଠାରୁ ଉକ୍ତ ମେଳାରେ କୋଟପାଡ଼ ମିରଗାନ ସାହିର ହସ୍ତତନ୍ତ୍ର ବୁଣାକାରଙ୍କ ଦୋକାନ ଲାଗିଥିବାବେଳେ ୨/୪ଦିନ ପରେ ଲକ୍ଷ୍ମୀପୁରର ଗୋଟିଏ ଦୋକାନ, ମଧ୍ୟପ୍ରଦେଶ ଖାଣ୍ଡବା ଅଞ୍ଚଳର ଜଡିବୁଟି ଦୋକାନ,କୋକସରା କଳାହାଣ୍ଡିରୁ ଗୋଟିଏ ଦୋକାନ, ଶିର୍ଲା ପଞ୍ଚାୟତର କାଠ ଓ କୁମ୍ଭାର ଦୋକାନ ଏବଂ ଦୁଇଗୋଟି ଚାଟ ଦୋକାନ ଖୋଲି ଥିଲା। ମୋଟ ୧୪ଟି ଷ୍ଟଲ ରହିଥିଲା। କିନ୍ତୁ ଉକ୍ତ ପଡିଆରେ ୬୫ଟି ଷ୍ଟଲ ମେଳା କମିଟି ତରଫରୁ ଅସ୍ଥାୟୀ ଭାବେ ନିର୍ମାଣ କରାଯାଇ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯାଇଛି। ଏହାକୁ ନେଇ କୋରାପୁଟ ଜିଲା ଖଦି ବୋର୍ଡ ଡିଓ ବେଣୁଧର ପ୍ରଧାନଙ୍କୁ ଯୋଗାଯୋଗ କରିବାରୁ ସହାୟତା ଖର୍ଚ୍ଚ ଦେବାର ବ୍ୟବସ୍ଥା ହୋଇ ନ ଥିବାରୁ ବାହାରୁ କୌଣସି ଉଦ୍ୟୋଗୀ ଏଠାକୁ ଆସିଲେ ନାହିଁ। ଉକ୍ତ ମେଳାରେ କେତେ ଖର୍ଚ୍ଚ ହୋଇଛି, ତାହାର ଆକଳନ କରାଯାଇନାହିଁ। କିନ୍ତୁ ଆନୁମାନିକ ୭ରୁ ୮ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥିବା ସେ କହିଛନ୍ତି। ମେଳାର ଶେଷଦିନରେ କାହାର ଦେଖାଦର୍ଶନ ନ ମିଳିବାରୁ କେବଳ ବ୍ରହ୍ମପୁର, ଗଞ୍ଜାମ ଅଞ୍ଚଳର ଶ୍ରୀରାମ ଏସ୍‌ଏଚ୍‌ଜିର ଆଚାର ଓ ପାମ୍ପଡ ଦୋକାନ ଏବଂ ଅଳ୍ପ କେତେକ ଉଦ୍ୟୋଗୀ ଷ୍ଟଲ ଖୋଲି ନିରାଶ ହୋଇ ଫେରିଯାଇଥିଲେ। ବିନା ପ୍ରଚାରପ୍ରସାରରେ ସରକାରଙ୍କ ଲକ୍ଷାଧିକ ଟଙ୍କା କେଉଁ ଉଦ୍ଦେଶ୍ୟରେ ଖର୍ଚ୍ଚ ହେଲା ବୋଲି ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି। ଜିଲାପାଳ ଏହାର ତଦନ୍ତ କରି ପଦକ୍ଷେପ ନେବାକୁ ଦାବି ହୋଇଛି।

■ପୌର ପରିଷଦ ଅଫିସ୍‌ରୁ ନିରାଶ ହେଲେ ହିତାଧିକାରୀ

# ଭତ୍ତା ପାଇଁ ରାସ୍ତା ଅବରୋଧ

ଜୟପୁର,୧୬।୨(ନି.ପ୍ର.)

ଜୟପୁର ପୌରାଞ୍ଚଳର ହିତାଧିକାରୀଙ୍କୁ ଭତ୍ତା ଦେବାରେ ପ୍ରତାରଣା କରାଯାଉଛି। ୩ ମାସ ହେବ ଭତ୍ତା ପାଇନାହାନ୍ତି ହିତାଧିକାରୀ। ପ୍ରଶାସନ କାଳିଆ ଓ ପିଠା ଯୋଜନାରେ ବ୍ୟସ୍ତ ଥିବାବେଳେ ହିତାଧିକାରୀ ଭତ୍ତା ପାଇବାରୁ ଉପେକ୍ଷିତ ହୋଇଛନ୍ତି। ତେଣୁ ସେମାନେ ଶନିବାର ରାସ୍ତା ଅବରୋଧ କରିଛନ୍ତି।

ପ୍ରତ୍ୟେକ ମାସ ୧୫ ତାରିଖ ଭତ୍ତା ବଣ୍ଟନ କରାଯାଏ। କିନ୍ତୁ ଏଥିରେ ଟାଳଟୁଳ ଯୋଗୁଁ ପୌରାଞ୍ଚଳ ଅଧୀନ ୨୮ଟି ୱାର୍ଡ଼ର ବହୁ ଗରିବ, ଭିନ୍ନକ୍ଷମ, ବୃଦ୍ଧାବୃଦ୍ଧ ଭତ୍ତା ପାଇଁ ଖରାରେ ଧାଇଁଆସି ନିରାଶ ହୋଇ ଫେରୁଛନ୍ତି। ୧୫ ତାରିଖ ଜାଗାରେ ୧୬ରେ ଦିଆଯିବ କହି ହିତାଧିକାରୀ ଫେରାଇ ଦିଆଯାଇଥିଲା। ଶନିବାର ପୁଣି ହିତାଧିକାରୀ ପୌର ପରିଷଦ ଅଫିସ୍‌ରେ ପହଞ୍ଚି ଦିନ ତମାମ ଖରାରେ ଅପେକ୍ଷା କରିଥିଲେ। କିନ୍ତୁ ତାହା ନ ମିଳିବାରୁ ସେମାନେ ମୁଖ୍ୟରାସ୍ତା ଅବରୋଧ କରିଥିଲେ। ଟାଉନ ପୋଲିସ ସେଠାରେ ପହଞ୍ଚି ହିତାଧିକାରୀଙ୍କୁ ବୁଝାଶୁଝା କରିଥିଲା। ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସଞ୍ଜୟ ଆଚାର୍ଯ୍ୟ ଛୁଟିରେ ଅଛନ୍ତି। ସ୍ୱାସ୍ଥ୍ୟ ଅଧିକାରୀ ଅରୁଣ ପାଢ଼ୀ ଏବେ ତାଙ୍କ ଦାୟିତ୍ୱରେ ଅଛନ୍ତି। ଜିଲା ଚିକିତ୍ସାଳୟ ଓ ସ୍ୱାସ୍ଥ୍ୟସେବା, ଏପରିକି ପ୍ରଶାସନ ମଧ୍ୟ ତାଙ୍କ ଉପରେ ନିର୍ଭର କରୁଥିବା ବେଳେ ସେ ପରିଷଦକୁ ଉଚିତ୍ ସମୟ ଦେଇପାରୁ ନାହାନ୍ତି।



୩ ମାସ ହେବ ଭତ୍ତା ପାଇବାରୁ ବଞ୍ଚିତ ହିତାଧିକାରୀମାନେ ରାସ୍ତାରୋକୋ କରିଛନ୍ତି।

# ପୋଲିସର ଜନ ସମ୍ପର୍କ ଶିବିର

## ଭଲିବଲ୍ ଟୁର୍ନାମେଣ୍ଟରେ ମଇନାପଡ଼ା ଚାମ୍ପିୟନ

ବୈପାରୀଗୁଡ଼ା,୧୬।୨(ଡି.ଏନ୍.ଏ.)

ବୈପାରୀଗୁଡା ପୋଲିସ ପକ୍ଷରୁ ଗୁମ୍ମାରେ ଶନିବାର ଏକ ଜନ ସଂପର୍କ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ସ୍ଥାନୀୟ ଥାନା ଅଧିକାରୀ ଅମିତାଭ ଦାସ, କୋରାପୁଟ ଏସ୍‌ଡିପିଓ ଏମ୍. ଜଗନ୍ନାଥ ରେଡ୍ଡୀ, ବ୍ଲକ ଅଧକ୍ଷା ସରୋଜିନୀ କାଣ୍ଡିକି, ବୈପାରୀଗୁଡ଼ା ସରପଞ୍ଚ ଭାଗିରଥୀ ମୁର୍ଜିଆ ଓ ପୂଜାରୀଗୁଡ଼ା ସରପଞ୍ଚ ଦେବକୀ ପୂଜାରୀ ଯୋଗ ଦେଇଥିଲେ। ମାଓବାଦୀ ସଂଗଠନରେ ଜଡ଼ିତ ଥିବା ଯୁବକଙ୍କୁ ମୁଖ୍ୟସ୍ରୋତକୁ ଫେରାଇ ଆଣିବା ଶିବିରର ଉଦ୍ଦେଶ୍ୟ ବୋଲି ଏସ୍‌ଡିପିଓ ରେଡ୍ଡୀ କହିଥିଲେ। ଆତ୍ମସମର୍ପଣ କରୁଥିବା ମାଓବାଦୀଙ୍କ ପାଇଁ ଥିବା ଥଇଥାନ ପ୍ୟାକେଜ ସଂପର୍କରେ ମଧ୍ୟ ସେ ସୂଚନା ଦେଇଥିଲେ। ଏହି ଅବସରରେ ଉପସ୍ଥିତ ଲୋକଙ୍କୁ କମ୍ବଳ ବଣ୍ଟାଯାଇଥିଲା । ଏହାସହ ୮ଟି ଭଲିବଲ୍ ଟିମ୍‌କୁ ନେଇ ଟୁର୍ନାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ମଇନାପଡ଼ା ଟିମ୍ ଚାମ୍ପିୟନ ହୋଇଥିବା ବେଳେ ଜାମଗୁଡ଼ା ଟିମ୍ ରନର୍ସଅପ୍ ହୋଇଥିଲା।

# ସ୍ତ୍ରୀଙ୍କୁ ନିର୍ଯାତନା, ଶିକ୍ଷକଙ୍କ ନାଁରେ ମାମଲା

ଜୟପୁର,୧୬।୨(ଡି.ଏନ୍.ଏ.)

ପତ୍ନୀଙ୍କୁ ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି। ଅନ୍ୟ ଜଣେ ଯୁବତୀଙ୍କ ସହ ସମ୍ପର୍କ ମଧ୍ୟ ରଖିଛନ୍ତି। ଜୟପୁର ସ୍ଥିତ ମହିଳା ଥାନାରେ ଶିକ୍ଷକ ସ୍ୱାମୀଙ୍କ ବିରୋଧରେ ଏଭଳି ଅଭିଯୋଗ ହେବା ପରେ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ଜଣକ ହେଲେ ବୋରିଗୁମ୍ମା ଥାନା ଭାଟିଗାଁ ବାସିନ୍ଦା ତଥା ବିସିଙ୍ଗପୁର ପଞ୍ଚାୟତ ଜାନିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷକ ଦେବରାଜ ହରିଜନ। ଅଭିଯୋଗକାରୀ ସ୍ତ୍ରୀ ଏନେଇ ଗତ ବୁଧବାର ଜୟପୁର ମହିଳା ଥାନାର ଦ୍ୱାରସ୍ଥ ହୋଇଥିଲେ। ଥାନା ପକ୍ଷରୁ ଉଭୟଙ୍କ ମିଳାମିଶା ପାଇଁ କାଉନସେଲିଂ କରାଯାଇଥିଲା। କିନ୍ତୁ କିଛି ଫଳ ନ ମିଳିବାରୁ ଥାନାରେ ଦଫା ୪୯୮, ୨୯୪, ୩୨୩, ୫୦୬, ୩୧୩, ୪୯୪/୩୪ ଆଇପିସି ଅନୁଯାୟୀ ଏକ ମାମଲା (୯/୧୮) ରୁଜୁ କରାଯାଇ ପୋଲିସ ତଦନ୍ତ ଆରମ୍ଭ କରିଥିବା ଥାନା ଅଧିକାରୀ ସଂଯୁକ୍ତା ବାର୍ଲା କହିଛନ୍ତି। ଏଠାରେ ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଅଭିଯୁକ୍ତ ଶିକ୍ଷକଙ୍କୁ କୋଟପାଡ଼ ଥାନା ଅଞ୍ଚଳର ଯୁବତୀ ଜଣଙ୍କ ବିବାହ କରିଥିଲେ। ସେମାନଙ୍କର ଗୋଟିଏ ଝିଅ ରହିଛି। ସ୍ତ୍ରୀଙ୍କୁ ମାଡ଼ ମାରିବା ଓ ଘରୁ ବାହାର କରିଦେଇଥିବା ଘଟଣା ପୂର୍ବରୁ ମଧ୍ୟ କୋଟପାଡ଼ ଥାନାରେ ପହଞ୍ଚିବା ପରେ ଉଭୟଙ୍କ ମଧ୍ୟରେ ଆପୋଷ ବୁଝାମଣା କରାଯାଇ ଛଡ଼ାଯାଇଥିଲା।

# ପରିବର୍ଦ୍ଧିତ ପେନସନ ପାଇଁ ଦାବିପତ୍ର

କୋରାପୁଟ,୧୬।୨(ସ୍ୱ.ପ୍ର.)

ପରିବର୍ଦ୍ଧିତ ପେନସନ ଦାବି କରି ଜିଲା ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଶନିବାର ଭୁବନେଶ୍ୱର ଆରବିଆଇ ମ୍ୟାନେଜରଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଦେଇଛି। ଜିଲା ସଂଘ ସଭାପତି ଆର୍.ଏନ୍. ଦାସଙ୍କ ନେତୃତ୍ୱରେ ସଂଘର ଆବାହକ ଡି. ଶଙ୍କର ରାଓ, ସଂପାଦକ ଭଗବାନ ନାହାକଙ୍କ ଉପସ୍ଥିତିରେ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ମ୍ୟାନେଜର ଓ ଜିଲା ଟ୍ରେଜେରୀ ଅଧିକାରୀଙ୍କ ଜରିଆରେ ଏହି ଦାବିପତ୍ର ଦିଆଯାଇଛି। ସରକାରୀ ଚାକିରିରୁ ଅବସର ନେଇଥିବା ସମସ୍ତ ପେନସନଧାରୀଙ୍କୁ ୨୦୧୬ ଜାନୁଆରୀ ପହିଲାରୁ ବର୍ଦ୍ଧିତ ପେନସନ ଲାଗୁ କରି ୨୦୧୮ ଜାନୁଆରୀ ଭିତରେ ଦେବା ପାଇଁ ରାଜ୍ୟ ଅର୍ଥ ବିଭାଗ ଜିଲା ଟ୍ରେଜେରୀ ଓ ବ୍ୟାଙ୍କଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। କିନ୍ତୁ ଏଥିପାଇଁ ଆବେଦନ ସତ୍ତ୍ୱେ ଟ୍ରେଜେରୀ ଓ ବ୍ୟାଙ୍କ କର୍ତ୍ତୃପକ୍ଷଙ୍କ ମନମାନି ଯୋଗୁଁ ଜିଲାର ଅବସରପ୍ରାପ୍ତ ସରକାରୀ କର୍ମଚାରୀମାନେ ପରିବର୍ଦ୍ଧିତ ପେନସନ ପାଇପାରି ନାହାନ୍ତି। ତୁରନ୍ତ ଦାବି ପୂରଣ ନହେଲେ ବ୍ୟାଙ୍କ ସମ୍ମୁଖରେ ଧାରଣା ଦେବୁ ବୋଲି ସେମାନେ ଚେତାବନୀ ଦେଇଛନ୍ତି।

# ନୋଡ଼ାଲ ଉଚ୍ଚ ପ୍ରାଥମିକ ସ୍କୁଲର ହୀରକ ଜୟନ୍ତୀ

କୋଟପାଡ଼,୧୬।୨(ଡି.ଏନ୍.ଏ.)

କୋଟପାଡ଼ ବ୍ଲକ୍ ଧାମଣାହାଣ୍ଡି ପଞ୍ଚାୟତ ନୋଡ଼ାଲ ଉଚ୍ଚ ପ୍ରାଥମିକ ସ୍କୁଲର ହୀରକ ଜୟନ୍ତୀ ପାଳିତ ହୋଇଛି। ଉତ୍ସବରେ ମୁଖ୍ୟ ଅତିଥିଭାବେ ସ୍ଥାନୀୟ ବିଧାୟକ ଚନ୍ଦ୍ରଶେଖର ମାଝି, ସମ୍ମାନିତ ଅତିଥି କୋରାପୁଟ ଜିଲା ପରିଷଦ ଅଧକ୍ଷ ପ୍ରଭୁ ଜାନି, ବ୍ଲକ୍ ଅଧକ୍ଷ ବୈଦ୍ୟନାଥ ପୂଜାରୀ, ବିଡିଓ ଅଂଶୁମାନ ମହାପାତ୍ର, ବିଇଓ ବିଚିତ୍ରାନନ୍ଦ ସେଠୀ , ସରପଞ୍ଚ ପଦ୍ମିନୀ ଭଣ୍ଡାରୀ, ଜିଲା ପରିଷଦ ସଭ୍ୟା ସଙ୍ଗୀତା ଭଣ୍ଡାରୀ, ମୋହନ ବିଷୋଇ ପ୍ରମୁଖ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ କେସିସି ବ୍ୟାଙ୍କର ପଦ୍ମିନୀ ଦିଆନ, ସୁଧାଂଶୁ ରଥ, ଉମେଶଚନ୍ଦ୍ର ବ୍ରହ୍ମା, ଦେବେନ ପଣ୍ଡା, ବୈଦ୍ୟନାଥ ପଣ୍ଡା ପ୍ରମୁଖ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଉଜ୍ଜ୍ୱଳ ଭବିଷ୍ୟତ ଗଠନ ନିମନ୍ତେ ସୁଚିନ୍ତିତ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ପରିଚାଳନା କମିଟିସଭାପତିଶୋଭାସୁନ୍ଦର ପୂଜାରୀ କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ପ୍ରଧାନଶିକ୍ଷକ ଧୀରେନ ଭଦ୍ରା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

■ କୁଷ୍ଠ ନିବାରଣ ପାଇଁ ଜିଲାସ୍ତରୀୟ କର୍ମଶାଳା

# ସଚେତନତା ଧିମେଇଛି, ବଢ଼ୁଛି ରୋଗୀସଂଖ୍ୟା

କୋରାପୁଟ,୧୬।୨(ସ୍ୱ.ପ୍ର.)

କୋରାପୁଟ ଜିଲାରେ କୁଷ୍ଠରୋଗର ନିରାକରଣ ପାଇଁ କିଛି ବର୍ଷ ହେଲା ସଚେତନତା କାର୍ଯ୍ୟକ୍ରମ ଆଖିଦୃଶିଆ ହେଉ ନଥିବାରୁ ଏହି ରୋଗୀଙ୍କ ସଂଖ୍ୟା ଜିଲାରେ ବଢ଼ୁଛି। ୨୦୧୮ ମାର୍ଚ୍ଚ ସୁଦ୍ଧା ଜିଲାରେ ୧୮୩ ଜଣ ରୋଗୀ ଥିବାବେଳେ ଏବେ ୨୫୧ ଜଣ ରୋଗୀ ଚିକିତ୍ସିତ ହେଉଛନ୍ତି। ଜିଲାର ବିଭାଗୀୟ ଡାକ୍ତର ଅନିଲ ସାହୁ ଶନିବାର କୋରାପୁଟରେ ଆୟୋଜିତ ଏକ କର୍ମଶାଳାରେ ଏହି ସୂଚନା ଦେଇଛନ୍ତି।

ସ୍ଥାନୀୟ ଦକ୍ଷତା ବୃଦ୍ଧି କେନ୍ଦ୍ରରେ ଆୟୋଜିତ କର୍ମଶାଳାକୁ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ଦେବେନ ପ୍ରଧାନ ଶୁଭାରମ୍ଭ କରିଥିଲେ। ରୋଗର କାରଣ ଓ ନିରାକରଣ ଉପରେ ଲୋକଙ୍କୁ ସଚେତନ କରାଇପାରିଲେ, ପ୍ରାଥମିକ ଅବସ୍ଥାରୁ ଏହାର ଚିହ୍ନଟ ସହ ମୁକ୍ତି ମିଳିପାରିବ ବୋଲି ସେ କହିଛନ୍ତି। ସମ୍ମାନିତ ଅତିଥି ଭାବେ ସିଡିଏମ୍‌ଓ ଡାକ୍ତର ଲଳିତ ମୋହନ ରଥ କହିଥିଲେ, ଜିଲାରେ ଚଳିତ ବର୍ଷ ଜାନୁଆରୀ ସୁଦ୍ଧା ୨୬୦ ଜଣ କୁଷ୍ଠରୋଗୀ ଚିହ୍ନଟ କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ଉପାଧକ୍ଷା ତୁଳସୀ କିର୍ସାନି, ଏଡିଏମ୍‌ଓ ଅରୁଣ ପାଢ଼ୀ କହିଥିଲେ ଯେ, କୁଷ୍ଠରୋଗର ନିରାକରଣ ପାଇଁ ବ୍ୟାପକ ସଚେତନତା କରାଯିବା ଆବଶ୍ୟକତା ରହିଛି। ଜିଲା ସମାଜ ସୁରକ୍ଷା ଅଧିକାରୀ ସୀମାଞ୍ଚଳ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନା ଓ ଏଥିରେ ଅଶୋକ ମହାନ୍ତି, ଚନ୍ଦ୍ରଶେଖର ପଟ୍ଟନାୟକ ସହଯୋଗ କରିଥିଲେ।



କୁଷ୍ଠ ନିରାକରଣ କର୍ମଶାଳାରେ ସିଡିଏମ୍‌ଓଙ୍କ ସମେତ ଅନ୍ୟ ଅଧିକାରୀମାନେ।

## ଶହୀଦଙ୍କୁ ସଲାମ



ବୈପାରୀଗୁଡ଼ା ମୁଖ୍ୟଛକରେ ଯବାନଙ୍କ ପାଇଁ ସ୍ମୃତିସଭା ଓ ପ୍ରଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଦିଆଯାଉଛି।



ବୋରିଗୁମ୍ମା ମଣ୍ଡେଇ ଯାତ୍ରାସ୍ଥଳରେ ଶହୀଦ ଯବାନଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛନ୍ତି ସ୍ଥାନୀୟ ବାସିନ୍ଦା।



ସେମିଳିଗୁଡ଼ା ସହରରେ ସର୍ବଦଳ ଓ ସର୍ବଧର୍ମର ଜନତା ଶୋଭାଯାତ୍ରା କରି ଶହୀଦଙ୍କୁ ସମ୍ମାନ ଜଣାଉଛନ୍ତି।



ଦଶମନ୍ତପୁର ବ୍ଲକ ଶିକ୍ଷକ ସଂଘ ପକ୍ଷରୁ କ୍ୟାଣ୍ଡେଲ ଶୋଭାଯାତ୍ରା ଅଞ୍ଚଳ ପରିକ୍ରମା କରୁଛି।



ପଟ୍ଟାଙ୍ଗି ସଦରରେ ଯୁବଗୋଷ୍ଠୀଙ୍କ ସହଯୋଗରେ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ବାହାରିଥିବା ଶୋଭାଯାତ୍ରା।



କୁନ୍ଦୁରାରେ ନାଗରିକ ମଞ୍ଚ, ଡଙ୍ଗରପାଉଁସୀ ଲକ୍ଷ୍ମୀନାରାୟଣ ମଞ୍ଚ, ଦିଗାପୁର ଉନ୍ନୀତ ପ୍ରାଥମିକ ବିଦ୍ୟାଳୟ ପକ୍ଷରୁ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା।




ଜୟପୁରରେ ମୁସଲିମ୍ ଅଞ୍ଜୁମନ କମିଟି ପକ୍ଷରୁ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଓ ଆତଙ୍କବାଦ ବିରୋଧୀ ନାରା।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୪ Press Regd. No. ORIORI/2011/36305 Postal Regd. No. BN/42/18-20. ରାୟଗଡ଼ା, ରବିବାର, ଫେବୃୟାରୀ ୧୭/୨୦୧୯ Rayagada, Sunday, February 17/ 2019

## ସଂକ୍ଷେପରେ

### ମହୁମାଛି ଆକ୍ରମଣରେ ଦୁଇ ଗୁରୁତର

ନବରଙ୍ଗପୁର,୧୬।୨(ଡି.ଏନ୍.ଏ.) ନବରଙ୍ଗପୁର ଜିଲା ତେନ୍ତୁଲିଖୁଣ୍ଟି ବ୍ଲକ କେନ୍ଦୁଗୁଡା ଗାଁର ଦୁଇଜଣ ଶନିବାର ମହୁମାଛି ଆକ୍ରମଣରେ ଗୁରୁତର ହୋଇଛନ୍ତି। ସେମାନେ ହେଲେ ସୁବଳ ଦେଇ ଜାନୀ(୫୦) ଓ ଗୁରୁରାଜ ଜାନୀ(୫୦)। ଆହତଙ୍କୁ ପ୍ରଥମେ ନବରଙ୍ଗପୁର ସଦର ମହକୁମା ଡାକ୍ତରଖାନା ଓ ପରେ କୋରାପୁଟ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ସୁବଳ ଓ ଗୁରୁରାଜ ଜଙ୍ଗଲକୁ କାଠ ପାଇଁ ଯାଇଥିଲେ। ସେଠାରେ ମହୁ ଫେଣା ଦେଖିବା ତାହାକୁ କାଢିବା ପାଇଁ ଉଦ୍ୟମ କରିବା ସମୟରେ ମହୁମାଛି ଆକ୍ରମଣ କରିଥିଲା।

### ପ୍ରିଜାଇଡିଂ ଓ ପ୍ରଥମ ପୋଲିଂ ଅଧିକାରୀଙ୍କୁ ତାଲିମ

ଡାବୁଗାଁ,୧୬।୨(ଡି.ଏନ.ଏ)-ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷରେ ସାଧାରଣ ନିର୍ବାଚନ ପାଇଁ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀଙ୍କୁ ନେଇ ଏକ ତାଲିମ ଶିବିର ଗୁରୁବାର ଅନୁଷ୍ଠିତ ହୋଇଛି। ଏଥିରେ ମତଦାନ ଦିନ ଅଧିକାରୀଙ୍କ କାର୍ଯ୍ୟାବଳୀ ଓ ଇଭିଏମ, ଭିଭିପ୍ୟାଟ ଉପରେ ତାଲିମ ଦିଆଯାଇଥିଲା। ପ୍ରଶିକ୍ଷକ ଭାବେ ରାଇଘର ବ୍ଲକ ଏବିଡିଓ ବିଜୟ କୁମାର ସେଠୀ, ବ୍ଲକ ଶିକ୍ଷା ଅଧିକାରୀ ପ୍ରଶାନ୍ତ କୁମାର ହୋତା ଓ କମ୍ପ୍ୟୁଟର ପ୍ରୋଗ୍ରାମର ଏମ.ଜି ଦେବାଶିଷ ଯୋଗ ଦେଇ ତାଲିମ ଦେଇଥିଲେ। ଏଥିରେ ପ୍ରିଜାଇଡିଂ ଓ ପୋଲିଂ ଅଧିକାରୀ ମୋଟ ୩୮ ଜଣ ତାଲିମ ନେଇଥିଲେ। ତାଲିମ ଶିବିରକୁ ଗ୍ରାମ ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ମହେଶ୍ୱର ପ୍ରଧାନ ପରିଚାଳନା କରିଥିଲେ।



# ଦୁଲହାଦେବଙ୍କ ବିବାହ ସମ୍ପନ୍ନ

ଚନ୍ଦାହାଣ୍ଡି,୧୬।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ପୂଜାରୀଗୁଡା ଗ୍ରାମର ତେଲି ସମାଜ ପକ୍ଷରୁ ଆୟୋଜିତ ଦୁଲହା ଦେବଙ୍କ ଦୁଇ ଦିନିଆ ବିବାହ କାର୍ଯ୍ୟ ଶନିବାର ସମାପ୍ତ ହୋଇଛି । ଶୁକ୍ରବାର ପ୍ରଥମେ ଶୁଭକଳସ ସ୍ଥାପନ ହେଲାପରେ ସମାଜର ମହିଳାମାନଙ୍କ ଦ୍ୱାରା କଳସ ଯାତ୍ରା କରାଯାଇଥିଲା । ଏହାପରେ ସନ୍ଧ୍ୟାରେ ବିଭିନ୍ନ ଦେବଦେବୀଙ୍କୁ ଆହ୍ୱାନ କରାଯାଇ ପୂଜାପାଠ କରାଯାଇଥିଲା । ମହୁଲଡାଳକୁ ଅଣାଯାଇ ଦୁଲ୍ହାଦେବତାଙ୍କ ପ୍ରତୀକ ଭାବେ ସେଥିରେ ସମାଜର ମହିଳାମାନେ ତେଲ ହଳଦୀ ଲେପନ କରିଥିଲେ । ଏହାପରେ ନିଜ ନିଜ ଭିତରେ ହଳଦୀ ବୋଲି ହୋଇଥିଲେ । ପୂଜାରୀ କ୍ଷମାନିଧି ସାହୁଙ୍କ ଦ୍ୱାରା ସକାଳେ ପୂଜାପାଠ କଲାପରେ ବଳୀଦେବାକୁ ରଖାଯାଇଥିବା ଛାଗକୁ



ଦୁଲହାଦେବଙ୍କ ବିବାହ କାର୍ଯ୍ୟ କରାଯାଉଛି ।

ସମାଜର ପ୍ରତ୍ୟେକ ଘରକୁ ଦୁଲ୍ହାଦେବଙ୍କ ପ୍ରତୀକ ଭାବେ ମନ୍ଦାରମାଳା ପିନ୍ଧାଯାଇ ଘର ଘର ବାଜା ବାଜଣାର ତାଳେ ତାଳେ ନିଆଯାଇଥିଲା । ଛାଗକୁ ପ୍ରତ୍ୟେକ ଘରେ ବନ୍ଦାପନା ଦେଇ ପୂଜା କରିଥିଲେ । ଏହାପରେ ଉକ୍ତ ଛାଗକୁ ମଣ୍ଡପରେ ରଖାଯାଇଥିବା ଦୁଲ୍ହାହା ଦେବଙ୍କ ଖୁଣ୍ଟ (ମହୁଲ ଗଳ) ପାଖରେ ଚାଉଳ ଖାଇବା ପରେ ଏକ ନିଆରା ଢଙ୍ଗରେ (ସମସ୍ତେ ମିଶି ଗୋଇଠାମାରି ତଥା ଉପରେ କୁଦିକୁଦି ମାରି ଦେଇଥିଲେ) ବଳି ଦେଇଥିଲେ। ଉକ୍ତ ବଳି ଛାଗକୁ ଆଣି ଭୋଜି କରାଯାଇ ସମସ୍ତ ତେଲି ପରିବାରର ସଦସ୍ୟ ବନ୍ଧୁବାନ୍ଧବ, ଗ୍ରାମବାସୀ ଭୋଜନ କରିଥିଲେ । ଏହି ବିବାହ କାର୍ଯ୍ୟ ଶହେ ବର୍ଷକୁ ଥରେ କରାଯାଏ ବୋଲି ତେଲି ସମାଜର ଅନିରୁଦ୍ଧ ସାହୁ, ଲକ୍ଷ୍ମଣ ସାହୁ କହିଛନ୍ତି । ଶହେ ବର୍ଷ ପୂର୍ବରୁ ତାଙ୍କର ଗୋସେଇଁ ବାପା କୁଳଦେବତା ଦୁଲହା ଦେବଙ୍କ ବିବାହ କରିଥିବା ଶୁଣିଥିଲୁ। ସେଥିପାଇଁ ଏହି ବିବାହ କାର୍ଯ୍ୟ କରିବା ପାଇଁ ସ୍ଥିର କଲୁ ବୋଲି କହିଛନ୍ତି । ଆମ ସାମାଜିକ ବିବାହ କାର୍ଯ୍ୟ ଯେପରି ଭାବେ ବାଜା, ବାଜଣା, ଭୋଜି କରାଯାଏ ସେହିପରି ଭାବେ ଏହି ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଛି । ସମାଜ ତଥା ପରିବାରର ମଙ୍ଗଳ ହୋଇଥାଏ ବୋଲି କୁହାଯାଉଛି। ଆଉ ଶହେବର୍ଷ ପରେ ଏପରି ବିବାହ କାର୍ଯ୍ୟ ଆୟୋଜନ ହେବ ବୋଲି ହେମନ୍ତ ସାହୁ, ବୁଦ୍ଧିରାମ ସାହୁ, ପ୍ରଦୀପ କୁମାର ସାହୁ, ପିତାମ୍ବର ସାହୁ, ସନ୍ତୋଷ ସାହୁ, ମନିରାମ ସାହୁ ପ୍ରମୁଖ କହିଛନ୍ତି।



ଶିଳାନ୍ୟାସ ଅବସରରେ ଏମପି ବଳଭଦ୍ର ମାଝି ଓ ବିଧାୟକ ସୁବାସ ଗଣ୍ଡ ଉପସ୍ଥିତ ।

## ବିଭିନ୍ନ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ

ଉମରକୋଟ,୧୬।୨(ଡି.ଏନ.ଏ)

ନବରଙ୍ଗପରୁ ଜିଲା ଉମରକୋଟ ବ୍ଲକକୁ ଶନିବାର ଏମପି ବଳଭଦ୍ର ମାଝି ଗସ୍ତ କରି ୭ଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ତୋହାର ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ବେହେଡା କମ୍ୟୁନିଟି ହଲ, ପେଣ୍ଡ୍ରାଣୀ କଲେଜର ଅତିରିକ୍ତ ଶ୍ରେଣୀ ଗୃହ, ଉମରକୋଟ ଜଗନ୍ନାଥ ମନ୍ଦିରରେ କମ୍ୟୁନିଟି ହଲ, ଓକିଲ ସଂଘ କାର୍ଯ୍ୟାଳୟର କମ୍ୟୁନିଟି ହଲ, ଶିଶୁ ମନ୍ଦିରରେ ଅତିରିକ୍ତ ଶ୍ରେଣୀ ଗୃହ, ଜାମରଣ୍ଡାରେ ପଞ୍ଚାୟତ କାର୍ଯ୍ୟାଳୟ ଭତ୍ତିପ୍ରସ୍ତର ସ୍ଥାପନ କରିଥିଲେ। ବିଧାୟକ ସୁବାସ ଗଣ୍ଡ, ବ୍ଲକ ଅଧ୍ୟକ୍ଷ ଲାଇବାନ ଭକ୍ତ, ଏମପି ପ୍ରତିନିଧି କାଲୁ ପଣ୍ଡା, ବ୍ଲକ ସଭାପତି ଅଜିତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ। ପରେ ଜଗନ୍ନାଥ ମନ୍ଦିରରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟଅତିଥି ଭାବେ ଏମପି ଓ ସମ୍ମାନିତ ଅତିଥିଭାବେ ବିଧାୟକ, ଦେବୋତ୍ତର କମିଟର ସଭାପତି ତଥା ତହସିଲଦାର ଧର୍ମରାଜ ମାଝି, ସମ୍ପାଦକ ରାମ ନାୟକ, ଉପସଭାପତି ଜୟଦେବ କୁମାର ପରିଡା, ପୂର୍ବତନ ମ୍ୟୁନିସିପାଲିଟି ଚେୟାରମ୍ୟାନ ପି.ରାବଣା ରାଓ, ରମେଶ ଚନ୍ଦ୍ର ସାହୁ, ଏମପି ପ୍ରତିନିଧି କାଲୁ ପଣ୍ଡା, ଆଇନଜୀବୀ ଅର୍ଜୁନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି, ନୀରବ ପ୍ରାର୍ଥନା





ପୂର୍ବତନ ସୈନିକ ଓ ଛାତ୍ରୀଛାତ୍ରମାନେ ଗାନ୍ଧୀଛକଠାରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦେଉଛନ୍ତି । ଚନ୍ଦାହାଣ୍ଡିଠାରେ ନୀରବ ପ୍ରାର୍ଥନା କରାଯାଉଛି।

ନବରଙ୍ଗପୁର/ଚନ୍ଦାହାଣ୍ଡି, ୧୬।୨(ଡି.ଏନ୍.ଏ.)

ଜମ୍ମୁ - କାଶ୍ମୀରର ପୁଲୱାମାରେ ଆତଙ୍କବାଦୀଙ୍କ ଆତ୍ମଘାତୀ ବିସ୍ଫୋରଣରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ପାଇଁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ଓ ନୀରବ ପ୍ରାର୍ଥନା କରାଯାଇଛି। ଏଥିରେ ନବରଙ୍ଗପୁର ଜିଲା ଭୂତପୂର୍ବ ସୈନିକ ସଂଘ, ମଙ୍ଗଲମ୍ ଟିମ୍ବର୍ସ କର୍ମଚାରୀ ଓ ୱାର୍କର୍ସ ସଂଘ, ନବରଙ୍ଗପୁର ପବ୍ଲିକ ସ୍କୁଲ ଛାତ୍ରୀଛାତ୍ର ସାମିଲ ହୋଇଥିଲେ। ସ୍ଥାନୀୟ ରାମମନ୍ଦିରରୁ ଏହି କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବା ପରେ ଦୁଇ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ଭୂତପୂର୍ବ ସୈନିକ ସଂଘ ସମ୍ପାଦକ ନରେନ୍ଦ୍ର କୁମାର ପାଢୀ, ସହ ସମ୍ପାଦକ ଦେବରାଜ ପଟ୍ଟନାୟକ, ରାଜେନ୍ଦ୍ର ନେଗୀ, ଦୁର୍ଯ୍ୟୋଧନ ଭତ୍ରା, ସୁଦାନ ପ୍ରଧାନ, ସଂଜୀବ ରାଜ ଖୁରା, ପଙ୍କଜ ଚରଣ ବେହିଆ, ସୁଶାନ୍ତ ପାଣିଗ୍ରାହୀ, ବିଭୂତି ପ୍ରସାଦ ଦାଶ, ଟେକ୍ନ ଗୁରୁକୁଳର ଅଧ୍ୟକ୍ଷ ସଂଗ୍ରାମ ନାୟକ, ମଙ୍ଗଳମ ଟିମ୍ବର୍ସର ନବ ପଟ୍ଟନାୟକ, ସର୍ବେଶ୍ୱର ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିଭଳି ଜିଲା ଆଇନଜୀବୀ ସଂଘ ପକ୍ଷରୁ ସମ୍ମିଳନୀ ଗୃହରେ ନୀରବ ପ୍ରାର୍ଥନା କରାଯାଇଛି। ବରିଷ୍ଠ ଆଇନଜୀବୀ ଅରବିନ୍ଦ ପ୍ରସାଦ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ପାଦକ ରାମପ୍ରସାଦ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ସଂଘ ସଭାପତି ନରସିଂହ ତ୍ରିପାଠୀ ଜିଲା ଓ ଦୌରା ଜଜ୍ ରାଜେନ୍ଦ୍ର ପାଣିଗ୍ରାହୀ, ପରିବାର ଅଦାଲତ ଜଜ୍ ବିକ୍ରମ କୁମାର ପ୍ରଧାନ, ସବଜଜ୍ ଚୌଧୁରୀ ପ୍ରବୀର କୁମାର, ଆଇନ ସେବା ପ୍ରାଧିକରଣ ସମ୍ପାଦକ ପ୍ରସନ୍ନ କୁମାର ବେହେରା, ଏସଡିଜେଏମ ଅମରେଶ ମହାପାତ୍ର, ପ୍ରଥମ ଶ୍ରେଣୀ ବିଚାରପତି ଗୁରୁଚରଣ ଜେନାମଣି ଉପସ୍ଥିତ ଥିଲେ। ଅତିରିକ୍ତ ଜିଲାଜଜ୍ ବେଣୁଧର ପାତ୍ର ଶହୀଦଙ୍କ ଉଦ୍ଦେଶ୍ୟରେ ଏକ ଭାବପୂର୍ଣ୍ଣ ସଙ୍ଗୀତ ପରିବେଶଷଣ କରିଥିଲେ। ସରକାରୀ ଓକିଲ ଏନ. ଅହମ୍ମଦ, ଅରୁଣ କୁମାର ମହାନନ୍ଦିଆ, ବରିଷ୍ଠ ଆଇନଜୀବୀ ବି.ବି. ପଟ୍ଟନାୟକ, ଅଶୋକ ପଟ୍ଟନାୟକଙ୍କ ସମେତ ଅନ୍ୟ ଓକିଲମାନେ ଉପସ୍ଥିତ ଥିଲେ। ସେହିପରି ଚନ୍ଦାହାଣ୍ଡି ବ୍ଲକର ୧୪୦ଟି ବିଦ୍ୟାଳୟରେ ଏକା ସାଙ୍ଗରେ ଶୋକସଭା ଏବଂ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଛି। ଛାତ୍ରୀଛାତ୍ରମାନେ ବିଦ୍ୟାଳୟ ପରିସରରେ ଅଞ୍ଜୁଳ ଶ୍ରଦ୍ଧାଞ୍ଜଳି ଦେଇଛନ୍ତି। ଅଧିକାଂଶ ବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ଦେଶ ସେବା କରିବା ପାଇଁ ଶପଥ ନେଇଥିବା ଦେଖାଯାଇଥିଲା।

## ୧୮ରୁ ନୂତନ କୋଠାରେ କାର୍ଯ୍ୟକ୍ଷମ ହେବ ସ୍ୱାସ୍ଥ୍ୟକେନ୍ଦ୍ର

ଚନ୍ଦାହାଣ୍ଡି, ୧୬।୨(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ହଳଦୀଠାରେ ୯ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ବ୍ୟୟରେ ନିର୍ମାଣ କରାଯାଇଥିବା ମଡେଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଆସନ୍ତା ୧୮ ତାରିଖଠାରୁ ଆରମ୍ଭ ହେବ ବୋଲି ସ୍ୱାସ୍ଥ୍ୟକେନ୍ଦ୍ର ଭାରପ୍ରାପ୍ତ ଅଧିକାରୀ ଡ.ବିଜୟଲକ୍ଷ୍ମୀ ପ୍ରଧାନ ଶନିବାର ସୂଚନା ଦେଇଛନ୍ତି। ପୁରୁଣା ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଜରାଜୀର୍ଣ୍ଣ ହୋଇ ପଡିଥିଲା। ଫଳରେ ବିପଦସଙ୍କୁଳ ଭାବେ ସେଠାରେ ରୋଗୀ ସେବା କରାଯାଉଥିଲା। ଅଞ୍ଚଳବାସୀ ଏ ନେଇ ମନ୍ତ୍ରୀ ରମେଶ ଚନ୍ଦ୍ର ମାଝିଙ୍କ ନିକଟରେ ଅଭିଯୋଗ କରିଥିଲେ। ମନ୍ତ୍ରୀଙ୍କ ଉଦ୍ୟମକ୍ରମେ ଗ୍ରମ୍ୟ ଉନ୍ନୟନ ଓ ରାଜ୍ୟ ସରକାରଙ୍କ ସ୍ୱତନ୍ତ୍ର ଅନୁଦାନରେ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ନିର୍ମାଣ କରାଯାଇଥିଲା। ଏଥିରେ ରୋଗୀଙ୍କ ପାଇଁ ୧୬ବେଡ୍, ଔଷଧ ଗୋଦାମ, ଆବଶ୍ୟକୀୟ ପରୀକ୍ଷା ଗୃହ, ଷ୍ଟାଫରୁମ୍ ଆଦି ରହିଛି। ପୁରୁଣା କୋଠାରେ କେବଳ ଅଫିସ କାମ କରାଯିବ।

# କଂଗ୍ରେସର ବୈଠକ



କଂଗ୍ରେସ ନେତା ଓ କର୍ମୀ ଲୋକମାନଙ୍କ ସହ ଆଲୋଚନା କରୁଛନ୍ତି ।

ଚନ୍ଦାହାଣ୍ଡି,୧୬।୨(ଡି.ଏନ.ଏ)

ଆଗକୁ ସାଧାରଣ ନିର୍ବାଚନ। ଆଉ ଅଳ୍ପ କିଛି ଦିନ ପରେ ନିର୍ବାଚନ ବିଗୁଲ ବାଜିବ। ଏବେଠାରୁ ବିଭିନ୍ନ ଦଳ ପକ୍ଷରୁ ସଭାସମିତି ଆରମ୍ଭ ହୋଇଗଲାଣି। ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିର ବିଭିନ୍ନ ଗ୍ରାମରେ କଂଗ୍ରେସ ପକ୍ଷରୁ ବୈଠକ ଅନୁଷ୍ଠିତ ହୋଇଛି। ଉଲଧର ମାଝି ଦଳର କିଛି ସମର୍ଥକଙ୍କୁ ଧରି ଚନ୍ଦାହାଣ୍ଡିର ଅନକାବେଡା, ନୂଆପଡା, ହରଡାପଡା, ଫଟକି, ଲଧୁଆପଡା, ବେଲପାଟି ଗାଁରେ ପହଞ୍ଚି ଜନସାଧାରଣଙ୍କ ସହ ଆଲୋଚନା କରିଛନ୍ତି। ବିଜେଡି ଶାସନ କାଳରେ ଚାଷୀଙ୍କ ଋଣ ଛାଡ, ଧାନର ସହାୟକ ମୂଲ୍ୟ ବୃଦ୍ଧି କରି ନ ଥିବାରୁ ତାଙ୍କ ଦଳ କ୍ଷମତାକୁ ଆସିଲେ ଚାଷୀଙ୍କୁ ୨ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଛାଡ, ଧାନର ସହାୟକ ମୂଲ୍ୟ ୨୫୦୦ ଟଙ୍କା, ଭତ୍ତା ଏକ ହଜାର ଟଙ୍କା କରାଯିବ ବୋଲି ଭୋଟରଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି। କଂଗ୍ରେସ ବ୍ଲକ ସଭାପତି ଶ୍ରୀବତ୍ସ ପଣ୍ଡା, ମହେଶ୍ୱର ଦାସ, ଜଗଦୀଶ ବାଘ, ସନ୍ତୋଷ ପଟ୍ଟନାୟକ, ପିସିସି ସମ୍ପାଦକ କ୍ଷମରାଜ ବାଘ, ଶେଷମଲ ହରପାଲ, ଜବାର ଅଲ୍ଲୀ ଉପସ୍ଥିତ ଥିଲେ।




## ଏପ୍ରିଲ ୨୩ରୁ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

ନବରଙ୍ଗପୁର,୧୬।୨(ଡି.ଏନ.ଏ.)

ନବରଙ୍ଗପୁର ମୁଖ୍ୟରାସ୍ତା କଡରେ ଥିବା ହନୁମାନ ମନ୍ଦିର ପ୍ରତିଷ୍ଠା ପାଇଁ ମନ୍ଦିର ପରିସରରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମନ୍ଦିର କମିଟିର ସଭାପତି ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ପ୍ରତିଷ୍ଠା ସମ୍ପର୍କୀତ ବିଭିନ୍ନ ପ୍ରସ୍ତାବ ବିଷୟରେ ଆଲୋଚନା ହୋଇଥିଲା। ରାଜ ପୁରୋହିତ ନରସିଂହ ତ୍ରିପାଠୀ ମନ୍ଦିର ପ୍ରତିଷ୍ଠାର ଦିନ ନିର୍ଦ୍ଧାରଣ କରିଥିଲେ। ରାଜ ପୁରୋହିତଙ୍କ ପରାମର୍ଶ ଅନୁଯାୟୀ ଆସନ୍ତା ଏପ୍ରିଲ ୨୩ ରୁ ୨୯ ପର୍ଯ୍ୟନ୍ତ ୭ଦିନ ଧରି ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହେବ। ସୂଚନା ଯୋଗ୍ୟ ଯେ,ନବରଙ୍ଗପୁର ସହରର ସର୍ବପୁରାତନ ହନୁମାନ ମନ୍ଦିର ରୂପେ ଏହା ପରିଚିତ। ଏହି ମନ୍ଦିରରେ ଶ୍ରୀ ହନୁମାନ ଓ ନୃସିଂହନାଥ ଠାକୁର ରାଜା ରାଜୁଡା ସମୟରୁ ପୂଜା ପାଇଆସୁଛନ୍ତି। ତେବେ ଟ୍ରକ ମାଲିକ ସଂଘ ସଭାପତି ତଥା ମନ୍ଦିର କମିଟି ସଭାପତି ପ୍ରକାଶ ଚନ୍ଦ୍ର ତ୍ରିପାଠୀଙ୍କ ଉଦ୍ୟମରେ ପୁରାତନ ମନ୍ଦିରକୁ ଅତ୍ୟାଧୁନିକ ଶୈଳିରେ ପୁନଃ ନିର୍ମାଣ କାର୍ଯ୍ୟ ସମ୍ପନ୍ନ ହୋଇପାରିଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଏଣ୍ଡୋମେଣ୍ଟ କମିଟି ସଦସ୍ୟ ଝାଡେଶ୍ୱର ଖାଡାଙ୍ଗା,ତହସିଲଦାର ଅକ୍ଷୟ ଖେମୁଣ୍ଡୁ,ରାଜସ୍ୱ ନିରୀକ୍ଷକ ଏସ କେ ଦାଶ, ନରସିଂହ ତ୍ରିପାଠୀ,ପ୍ରମୋଦ ତ୍ରିପାଠୀ,ପ୍ରଦୀପ ମିଶ୍ର,ସତ୍ୟବାଦୀ ଷଡଙ୍ଗୀ,ନାରାୟଣ ପାତ୍ର,ରାଜେନ୍ଦ୍ର ତ୍ରିପାଠୀ,ପ୍ରମୋଦ ତ୍ରିପାଠୀ,ସୟ ନାୟକ,ସୁମିତ ପାଲଙ୍କ ସମେତ ମନ୍ଦିର ପୂଜକ ଚିନୁ ଦାଶ ପ୍ରମୁଖ ଉପସ୍ଥିତ ରହିଥିଲେ।

## ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ତାଲିମ

ଚନ୍ଦାହାଣ୍ଡି,୧୬।୨(ଡି.ଏନ.ଏ)–

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡି ବ୍ଲକ ସଭାଗୃହଠାରେ ନାବାର୍ଡ ସହାୟତାରେ ସ୍ୱାଗ ଏନଜିଓ ତରଫରୁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟଅତିଥି ଭାବେ ଦେବେନ୍ଦ୍ର ପ୍ରସାଦ ବଳ, ଜିଲା ସଂଯୋଜକ ଲିପିଲତା ପ୍ରଧାନ, ବିଷ୍ଣୁ ବ୍ରହ୍ମା, ବ୍ଲକ ସଂଯୋଜକ ରାଇମଲ ଚନ୍ଦନ ପ୍ରମୁଖ ଉପସ୍ଥିତ ଥିଲେ। ସରକାର ସ୍ୱୟଂ ସହାୟକ ଦଳଙ୍କୁ ମିଶନ ଶକ୍ତି ଜରିଆରେ ଆର୍ଥିକ ପ୍ରୋତ୍ସାହନ ପ୍ରଦାନ କରୁଥିବା ବେଳେ ସେହ ଅର୍ଥରେ ସେମାନେ ବିଭିନ୍ନ ଜୀବିକା କରି ଆତ୍ମନିର୍ଭରଶୀଳ ହେବା ପାଇଁ କୁହାଯାଇଥିଲା। ବିଭିନ୍ନ ବେସରକାରୀ ସଂସ୍ଥାମାନେ ଋଣର ପ୍ରତିଶ୍ରୁତି ଦେଇ ଅଧିକା ଟଙ୍କା ଆଦାୟ କରୁଥିବା ବେଳେ ଦଲାଲଙ୍କ ହାବୁଡରେ ନ ପଡିବା ପାଇଁ ବୁଝାଯାଇଥିଲା।

## ଅନ୍ତେବାସୀଙ୍କୁ ୱାଶିଂ ମେଶିନ ପ୍ରଦାନ

ନବରଙ୍ଗପୁର,୧୬।୨(ବି.ପ୍ର.)–

ନବରଙ୍ଗପୁର ମାଝିଗୁଡା ସ୍ଥିତ ଦିନଦୟାଲ କନ୍ୟାଶ୍ରମ ଠାରେ ନବରଙ୍ଗପୁର ଲାଏନ୍ସ କ୍ଲବର ସଭାପତି ତଥା ସାମାଜିକ କର୍ମୀ ଜଗନ୍ନାଥ ମହାପାତ୍ର, ସମ୍ପାଦକ ଭୁବନେଶ୍ୱର ସୁର, ବୋର୍ଡ ସଭ୍ୟ ଡାକ୍ତର ଧନୁର୍ଯ୍ୟାୟ ପଟ୍ଟନାୟକ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁରେଶ ପଟ୍ଟନାୟକ ପ୍ରମୂଖ ଯୋଗ ଦେଇ ପରିବେଶ ସ୍ୱଚ୍ଛତା ଉପରେ ଆଲୋକପାତ କରିଥିଲେ। ସଭାପତି ମହାପାତ୍ର ଅନ୍ତେବାସୀଙ୍କ ଆବଶ୍ୟକତା ଦୃଷ୍ଟି କୋଣରୁ ଏକ ୱାସିଂ ମେସିନ ପ୍ରଦାନ କରିଥିଲେ। ଏଥିରେ ଅଧ୍ୟାପକ ଅଖିଳ ଭଟ୍ଟ, ରବି ରେଡ୍ଡି, ଡି. ଜୈନ, ସଚ୍ଚିଦାନନ୍ଦ ଚୌଧୁରୀ, ପି.ଏସ.ଆର.ଶେଖର, ସୁବାଷ ଅଗ୍ରୱାଲ ଓ ବିଜୟ ଜୈନ ଯୋଗ ଦେଇଥିଲେ।






Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-34, Industrial Estate, Pita Mahal, Rayagada, Editor-Tathagata Satpathy, ସମ୍ପାଦକ –ତଥାଗତ ସତପଥୀ


ଶହୀଦଙ୍କ ସ୍ମୃତିରେ ବିଷମକଟକ ବ୍ଲକ ଦୁର୍ଗୀରେ ଛାତ୍ରୀମାନେ ଶୋଭାଯାତ୍ରାରେ ଯାଉଛନ୍ତି।


ରାୟଗଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟରେ ଛାତ୍ରୀଛାତ୍ରମାନେ ନୀରବ ପ୍ରାର୍ଥନା କରୁଛନ୍ତି।


ଗୁଣପୁରସ୍ଥିତ ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ନିକଟରେ କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାସୁମନ ଅର୍ପଣ କରାଯାଉଛି।

# ବିଭିନ୍ନ ସ୍ଥାନରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି

**ରାୟଗଡା ଅଫିସ୍/ଗୁଣପୁର/ପଦ୍ମପୁର/ଜେକେପୁର, ୧୬।୨(ଡ଼ି.ଏନ.ଏ)**

ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନ୍‌ଙ୍କୁ ଶନିବାର ରାୟଗଡାର ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ରାୟଗଡା ସ୍ୱୟଂ ଶାସିତ ମହାବିଦ୍ୟାଳୟ ଏବଂ ମହିଳା ମହାବିଦ୍ୟାଳୟ ପକ୍ଷରୁ ଛାତ୍ରୀଛାତ୍ରମାନେ ଶହୀଦ ଯବାନ୍‌ମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ନୀରବ ପ୍ରାର୍ଥନା କରିଥିଲେ । ଆଜାଦ ହୀନ୍ଦ ଯୁବକ ସଂଘ ପକ୍ଷରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା କରାଯାଇଥିଲା । ବିନାୟକ କରଙ୍କ ନେତୃତ୍ୱ ଆୟୋଜିତ ଶୋଭାଯାତ୍ରାରେ ବହୁ ସଂଖ୍ୟାରେ ସହରବାସୀ ସାମିଲ୍ ହୋଇଥିଲେ । ସେହିଭଳି ଜିଲାର ବିଭିନ୍ନ ବିଦ୍ୟାଳୟ ଗୁଡିକରେ ମଧ ଛାତ୍ରୀଛାତ୍ରମାନେ ନିରବ ପ୍ରାର୍ଥନା କରି ଶହୀଦ୍‌ଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ସେହିପରି ବିଷମକଟକ ବ୍ଲକ୍ ଦୁର୍ଗୀ ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ଓ ଆଦର୍ଶ ବିଦ୍ୟାଳୟର ଛାତ୍ରୀମାନେ ଏକ ଶୋଭାଯାତ୍ରା କରିଛନ୍ତି। ଶେଷରେ ନୀରବ ପ୍ରାର୍ଥନା କରି କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ । ସେହିପରି ଗୁଣପୁରଠାରେ ବିଭିନ୍ନ ସଂଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । କିନ୍ନର ସଂଘ ପକ୍ଷରୁ ଏକ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲା। ସେହିପରି ଆମ ପୋଲିସ ପକ୍ଷରୁ ମଧ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ସନ୍ଧ୍ୟାରେ ପୋଲିସ ଥାନାଠାରୁ ଏକ ଶୋଭାଯାତ୍ରା ବାହାରି ନୂତନ ବସଷ୍ଟାଣ୍ଡଠାରେ ପହଁଞ୍ଚିଥିଲା । ସେହିଭଳି ପୁରୁଣା ବସଷ୍ଟାଣ୍ଡଠାରେ ଥିବା ଗାନ୍ଧୀ ପ୍ରତିମୂର୍ତ୍ତି ନିକଟରେ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା । ଶହୀଦଙ୍କ ସ୍ମୃତିରେ ପଦ୍ମପୁର ବ୍ଲକ କାର୍ଯ୍ୟାଳୟ ପରିସରରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରିଥିଲା । ଏହି ଶୋଭାଯାତ୍ରା ପଦ୍ମପୁର ମୁଖ୍ୟ ବଜାର ଦେଇ ସୁନାରୀଘାଇ ଛକ ନିକଟରେ ଥିବା ଖିଲାମୁଣ୍ଡା ଠାକୁରାଣୀ ମନ୍ଦିରରେ ପହଞ୍ଚିଥିଲା । ଏଥିରେ ଅଞ୍ଚଳର ବହୁ ବୁଦ୍ଧିଜୀବୀ, ଛାତ୍ରୀଛାତ୍ର, ଶିକ୍ଷକ, ଗ୍ରାମବାସୀ, ଖବରଦାତା ସାମିଲ ହୋଇଥିଲେ। ଏଥିରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ବିଜେଡି ନେତା ଗୋଦାବରୀ ରାଉତ, ଆଇନଜୀବୀ ସରୋଜ ପାଣିଗ୍ରାହୀ, ପଦ୍ମପୁର ବ୍ଲକ ଉନ୍ନୟନ ପରିଷଦ ସମ୍ପାଦକ ରମେଶ ଚନ୍ଦ୍ର ପଣ୍ଡା, ଜୟଶ୍ରୀ ପ୍ରଧାନ, ସୁନୀଲ ଚୌଧୁରୀ, ମହେଶ ପାଟଖଣ୍ଡାଳ, ଅକ୍ଷୟ ପଣ୍ଡା, ପୂର୍ଣ୍ଣଚନ୍ଦ୍ର ଦାଶ, ଚକ୍ରପାଣି ଶବର, କୈଳାସ ମିଶ୍ର ପ୍ରମୁଖ ସହଯୋଗ କରିଥିଲେ । ସେହିପରି ରାୟଗଡା ବ୍ଲକର ଚାନ୍ଦିଲି ଥାନା ଅନ୍ତର୍ଗତ ଜେକେପୁରରେ ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍ଥାନୀୟ ଦୁର୍ଗା ମନ୍ଦିରଠାରୁ ଏକ କ୍ୟାଣ୍ଡେଲ ଶୋଭାଯାତ୍ରା ବାହାରି ଦଶହରା ପଡିଆଠାରେ ପହଞ୍ଚିଥିଲା । ଚାନ୍ଦିଲି ଥାନାଧିକାରୀ ଡିଏସପି ସତ୍ୟ ବିକାଶ ଭୂୟାଁ, ଇଟାଭାଟି ସଭାପତି ମାଟା କିଷ୍ଟାରାଓ, ହାଟ ଆସୋସିଏଶନର ଜିତେନ୍ଦ୍ର କୁର୍ଜେ, ଆଲୁ ଗଣେଷ, ଜିଲା ପରିଷଦ ସଭ୍ୟ ପି.ଗୌରୀ ଶଙ୍କର, ବ୍ଲକ ଅଧକ୍ଷ ପି.ରାମୁଲୁ, ଜେକେ କାଗଜ କଳର ଦୀପକ ସାମଲଙ୍କ ସମେତ ଜେକେପୁରବାସୀ ଶୋଭାଯାତ୍ରାରେ ସାମିଲି ହୋଇଥିଲେ।


ପଦ୍ମପୁରରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

## ପ୍ରସନ୍ନଙ୍କୁ ଝୁରୁଛନ୍ତି ରାୟଗଡ଼ା ଯବାନ

**ରାୟଗଡା ଅଫିସ୍, ୧୬।୨**

ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ସିଆର୍‌ପିଏଫ୍ ଯବାନ୍ ପ୍ରସନ୍ନ କୁମାର ସାହୁ ୨୦୧୪ରୁ ରାୟଗଡା ସିଆର୍‌ପିଏଫ୍ କ୍ୟାମ୍ପରେ କାର୍ଯ୍ୟରତ ଥିଲେ । ସେ ଏଠାରେ ମାଓବାଦୀ ବିଦ୍ରୋହକୁ ଅତି ସଫଳତାର ସହିତ ଦମନ କରିଥିଲେ । ତାଙ୍କର ସଫଳତା ପାଇଁ ଗତ ଜୁନ ୨୫ ତାରିଖରେ ତାଙ୍କୁ କଶ୍ମୀର ବଦଳି କରାଯାଇଥିଲା । ଗତ ୧୪ ତାରିଖରେ ଆତଙ୍କବାଦୀଙ୍କ ଆକ୍ରମଣରେ ପ୍ରସନ୍ନ ଶହୀଦ୍ ହୋଇଛନ୍ତି । ଶୁକ୍ରବାର ଏନେଇ ରାୟଗଡ଼ା ସିଆରପିଏଫ କ୍ୟାମ୍ପରେ ଶୋକର ଛାୟା ଖେଳିଯାଇଥିବା ବେଳେ ୧୨ ଶହ ଯବାନ କୌଣସି ଖାଦ୍ୟ ଗ୍ରହଣ କରି ନ ଥିଲେ। ପ୍ରସନ୍ନଙ୍କର କାର୍ଯ୍ୟ ଶୈଳୀକୁ ମନେ ପକାଇ ରାୟଗଡା ଚତୁର୍ଥ ବାଟାଲିୟନ୍‌ର ଯବାନ୍‌ମାନେ ଝୁରୁଛନ୍ତି।

## ଶହୀଦଙ୍କ ସ୍ମୃତିରେ ଟିକିରିରେ ଦୋକାନବଜାର ବନ୍ଦ

**ଟିକିରି, ୧୬।୨(ଡ଼ି.ଏନ.ଏ)**

ଜମ୍ମୁ କଶ୍ମୀରରେ ଆତଙ୍କବାଦୀଙ୍କ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ସ୍ମୃତିରେ ବଣିକ ସଂଘ ତରଫରୁ ଟିକିରିରେ ଦୋକାନବଜାର ବନ୍ଦ ରଖାଯାଇଥିଲା। ଏଥିସହ ସଂଘର ସମସ୍ତ ସଦସ୍ୟ ଏକ ବାଇକ୍ ରାଲିରେ ବାହାରି ସହର ପରିକ୍ରମା କରିଥିଲେ । ଶେଷରେ ସ୍ଥାନୀୟ ଜଗନ୍ନାଥ ମନ୍ଦିର ପରିସରରେ ସମସ୍ତେ ଏକତ୍ରିତ ହୋଇ କ୍ୟାଣ୍ଡେଲ ଜାଳି ଶହୀଦଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ସେହିପରି ଥାନା ପରିସରରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହେବା ସହ କ୍ୟାଣ୍ଡେଲ ଶୋଭାଯାତ୍ରା ଆୟୋଜିତ ହୋଇଥିଲା। ଶହୀଦଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ଏଥିରେ ଥାନାଧିକାରୀ ସୁଜ୍ଞାନୀ ସାହୁ, ଏସଆଇ ସୁଦର୍ଶନ ଅଧିକାରୀଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ହୋଇଥିଲେ। ସେହିପରି ପ୍ରେସ ୟୁନିୟନ ତରଫରୁ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା । ୟୁନିୟନର ମହେନ୍ଦ୍ର କୁମାର ସ୍ୱାଇଁ, ଆର.କେ ନାଏକ, ହରିଶ ସାହୁ, ନିରଞ୍ଜନ ନାୟକ, ରାଜେଶ ପାତ୍ର, ଅମିୟ ଦାସ ପ୍ରମୁଖ ଯୋଗ ଦେଇ ଶହୀଦ ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଦେଇଥିଲେ ।


ଟିକିରିରେ ବାହାରିଥିବା କ୍ୟାଣ୍ଡେଲ ଶୋଭାଯାତ୍ରା ।

## ଅତିରିକ୍ତ ଜିଲା ଦୌରାଜଜ୍‌ଙ୍କ ଦାୟିତ୍ୱ ଗ୍ରହଣ

**ରାୟଗଡା ଅଫିସ୍, ୧୬।୨:** ରାୟଗଡା ଜିଲା ଅତିରିକ୍ତ ଜିଲା ଦୌରାଜଜ୍ ଭାବେ ଆଶିଷ କୁମାର ତ୍ରିପାଠୀ ଶନିବାର ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ଅବସରରେ ଜିଲା ଓକିଲ ସଂଘ ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା। ବରିଷ୍ଠ ଆଇନ୍‌ଜୀବୀ କେ.ଜି.ଏଚ୍ କୁମୁଦାନଙ୍କ ନେତୃତ୍ୱରେ କଶ୍ମୀରଠାରେ ହୋଇଥିବା ଆତଙ୍କବାଦୀ ଆକ୍ରମଣରେ ଶହୀଦ ଯବାନ୍‌ଙ୍କ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଏହି ସଭାରେ ଜିଲା ଦୌରାଜଜ୍ ସମାସେଖର ଜେନା, ମହିଳା କୋର୍ଟ ବିଚାରପତି ସୌଭାଗିନୀ ମଲ୍ଲିକ, ସିଜେଏମ୍ ଜ୍ଞାନେନ୍ଦ୍ର ବାରିକ, ରେଜିଷ୍ଟ୍ରାର ସୁନନ୍ଦା ପାଢ଼ୀ, ସବ୍‌ଜଜ୍ ରୁଦ୍ରପ୍ରସାଦ ମହାପାତ୍ର, ଏସ୍‌ଡିଜେଏମ୍ ସୁଚରିତା ମହାନ୍ତି, ଜେଏମ୍‌ଏଫ୍‌ସି ହବିବୁର, ପ୍ରାଧିକରଣ ସଂସ୍ଥା ସମ୍ପାଦକ ଋଷିକେଶ ସାହୁ, ଓକିଲ ସଂଘ ସଭାପତି ବିଷ୍ଣୁପ୍ରସାଦ ପଣ୍ଡା, ସୁନି ପଟ୍ଟନାୟକ, ନବ କାଣ୍ଡା, ଭି.ଏସ୍ ରାଜୁ ପ୍ରମୁଖ ଉପସ୍ଥିତ ଥିଲେ।

## ଆର୍‌ଏସ୍‌ଇଡବ୍ଲ୍ୟୁସି ହାଇସ୍କୁଲର ବାର୍ଷିକ ଉତ୍ସବ

**ରାୟଗଡା ଅଫିସ୍, ୧୬।୨**

ରାୟଗଡା ଉପକଣ୍ଠ ଆମ୍ବାଗୁଡାଠାରେ ଥିବା ଆର୍‌ଏସ୍‌ଇଡବ୍ଲ୍ୟୁସି ହାଇସ୍କୁଲର ୫୮ତମ ବାର୍ଷିକ ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ବାବୁରାଓ ମହାନ୍ତି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଭବିଷ୍ୟତରେ ଜଣେ ଆଦର୍ଶ ମଣିଷ ହେବା ପାଇଁ କହିଥିଲେ । ଏ.ଭି.ଏସ୍. ଗିରି, ସ୍କୁଲ ପରିଚାଳନା କମିଟି ସଭାପତି ସୋବାନା କାଡ୍ରାକା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ପୁରସ୍କୃତ କରାଯାଇଥିଲା । କାର୍ଯ୍ୟକ୍ରମକୁ ପ୍ରଧାନଶିକ୍ଷକ ସୁରତ କୁମାର ବାଡ୍ରିଆ ପରିଚାଳନା କରିଥିବା ବେଳେ ଶିକ୍ଷୟିତ୍ରୀ ଏସ୍.ଆଶାଲତା, ଖେଳ ଶିକ୍ଷକ ପ୍ରଶାନ୍ତ ନାୟକ ଓ ଅନ୍ୟ ଶିକ୍ଷୟିତ୍ରୀଶିକ୍ଷକମାନେ ପରିଚାଳନା କରିଥିଲେ।


ଉତ୍ସବରେ ଉପସ୍ଥିତ ଅତିଥିମାନେ।

## କନିକା ପରମେଶ୍ୱରୀଙ୍କ ୧୭ତମ ଜନ୍ମୋତ୍ସବ



**ମୁନିଗୁଡ଼ା, ୧୬।୨(ଡ଼ି.ଏନ.ଏ)**

ମୁନିଗୁଡ଼ା ମୁନିଖୋଲସ୍ଥିତ ମା' କନିକା ପରମେଶ୍ୱରୀଙ୍କ ୧୭ତମ ଜନ୍ମୋତ୍ସବ ପାଳିତ ହୋଇଯାଇଛି । କଳିଙ୍ଗ ବୈଶ୍ୟ ସଂଘ ସଭାପତି ଜାମି ମହେଶ ଓ ଯୁବକ ବୈଶ୍ୟ ସଂଘ ସଭାପତି ଟି. ଅଶୋକ କୁମାରଙ୍କ ମିଳିତ ସଂଯୋଜନାରେ ଏହା ଅନୁଷ୍ଠିତ ହୋଇଚି । ପ୍ରାତଃରୁ ମହିଳାମାନଙ୍କ ଦ୍ୱାରା କଳସ ଶୋଭାଯାତ୍ରା ସ୍ଥାନୀୟ ମୁନିଖୋଲ ନଦୀରୁ ବାହାରି ସହର ପରିକ୍ରମା କରି ମନ୍ଦିର ପରିସରରେ ପହଞ୍ଚିଥିଲା । ପରେ ସଂଘର ଶତାଧିକ ସଦସ୍ୟମାନଙ୍କ ଦ୍ୱାରା ମାଙ୍କ ମୂର୍ତ୍ତିକୁ ପାଲିଙ୍କିରେ ବସାଇ ଭଜନ କୀର୍ତ୍ତନ ସହ ସହର ପରିକ୍ରମା କରାଯାଇଥିଲା । ପରେ ମହିଳାମାନଙ୍କ ଦ୍ୱାରା କୁଙ୍କୁମ ପୂଜା ଅନୁଷ୍ଠିତ ହୋଇଥିଲା । ଦିନ ତମାମ ମନ୍ଦିର ପରିସରରେ ବିଭିନ୍ନ ପୂଜା ଅନୁଷ୍ଠିତ ହୋଇଥିଲା । ପୁରୋହିତ ସନ୍ତୋଷ ପାଢ଼ୀଙ୍କ ପୌରୋହିତ୍ୟରେ ମା'ଙ୍କୁ ଅବକାଶ ମଇଲମ, ମଙ୍ଗଳସ୍ନାନ, ଆରତି ପରେ ନିତ୍ୟପୂଜା କରାଯାଇଥିଲା । ସନ୍ଧ୍ୟାରେ ସନ୍ଧ୍ୟା ଆଳତି ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ କରାଯାଇଥିଲା ।

## ରାମନାଗୁଡ଼ାରେ ଆବାସ ମେଳା

**ରାମନାଗୁଡ଼ା, ୧୬।୨(ଡ଼ି.ଏନ୍.ଏ.)**

ରାୟଗଡ଼ା ଜିଲା ରାମନାଗୁଡ଼ା ବ୍ଲକ ସଦର ମହକୁମାସ୍ଥିତ କଲ୍ୟାଣ ମଣ୍ଡପରେ ବ୍ଲକସ୍ତରୀୟ ଆବାସମେଳା ଅନୁଷ୍ଠିତ ହୋଇଛି। ଏଠାରେ ବିଜୁ ପକ୍କାଘର କାର୍ଯ୍ୟଦେଶ, ପ୍ରୋତ୍ସାହନ ରାଶୀ ପ୍ରଦାନ କରାଯାଇଛି। ୧୨ ତିତ୍‌ଲି କ୍ଷତିଗ୍ରସ୍ତଙ୍କ ସମେତ ମୋଟ ୨୮ଜଣଙ୍କୁ ବିଜୁ ପକ୍କାଘର କାର୍ଯ୍ୟାଦେଶ ଦିଆଯାଇଛି। ୨୦୧୬–୧୭ରେ କାର୍ଯ୍ୟାଦେଶ ପାଇଥିବା ଯେଉଁ ହିତାଧିକାରୀମାନେ ୪ ଓ ୬ମାସରେ ଗୃହ ନିର୍ମାଣ କାର୍ଯ୍ୟ ଶେଷ କରିଛନ୍ତି ସେମାନଙ୍କୁ ଯଥାକ୍ରମେ ୨୦ହଜାର ଓ ୧୦ ହଜାର ଟଙ୍କା ପ୍ରୋତ୍ସାହନ ରାଶି ଦିଆଯାଇଛି। ୪ଜଣଙ୍କୁ ୨୦ହଜାର ଓ ୮୦ଜଣଙ୍କୁ ୧୦ ହଜାର ଟଙ୍କା ଦିଆଯାଇଛି। ୪୦ଜଣ ହିତାଧିକାରୀଙ୍କୁ ମଧୁବାବୁ ପେନଶନ ଯୋଜନାରେ ସହାୟତା ଦିଆଯାଇଛି। ବିଜୁ ବାହିନୀ ପକ୍ଷରୁ ବିଭିନ୍ନ ସଙ୍ଗଠନକୁ କ୍ରୀଡ଼ା ଉପକରଣ ଦିଆଯାଇଛି। କାର୍ଯ୍ୟକ୍ରମରେ ଗୁଣପୁର ବିଧାୟକ ତ୍ରିନାଥ ଗମାଙ୍ଗ, ବ୍ଲକ ଅଧ୍ୟକ୍ଷା ରଜନୀ ମାଣ୍ଡାଙ୍ଗି, ବିଡିଓ ସୁଧାକର ରଇତ, ସହକାରୀ ଯନ୍ତ୍ରୀ ପ୍ରଶାନ୍ତ ପାଣିଗ୍ରାହୀ ମଞ୍ଚାସୀନ ଥିଲେ। କୃପାକର ବାଣିପିଲି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବ୍ଲକର ସମସ୍ତ ସରପଞ୍ଚ ଓ ସମିତି ସଭ୍ୟାସଭ୍ୟ ଉପସ୍ଥିତ ଥିଲେ। ଯୁବ ବାହିନୀ ସଂଯୋଜକ ମାଧବ ମୁଟିକା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।


ଜଣେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି।

## ବଡ଼ ଏକାଦଶୀରେ ମନ୍ଦିର ଚଳଚଞ୍ଚଳ

**ଗୁଣପୁର, ୧୬।୨(ଡି.ଏନ.ଏ):** ମାଘ ମାସର ପବିତ୍ର ବଡ ଏକାଦଶୀ ଉତ୍ସବ ଲାଗି ଶନିବାର ଗୁଣପୁରସ୍ଥିତ ବିଷ୍ଣୁ ମନ୍ଦିରଗୁଡିକ ଚଳଚଞ୍ଚଳ ରହିଥିଲା। କୋର୍ଟ ନିକଟ ତ୍ରିନାଥ ମନ୍ଦିରଠାରେ ଅଷ୍ଟ ପ୍ରହର ନାମ ଯଜ୍ଞ ଆୟୋଜନ କରାଯାଇଥିଲା। ଜଗନ୍ନାଥ ମନ୍ଦିର, ରାଧାକୃଷ୍ଣ ମନ୍ଦିର, ଲକ୍ଷ୍ମୀ ନାରାୟଣ ମନ୍ଦିରରେ ଲୋକଙ୍କ ଭିଡ଼ ଜମିଥିଲା।

## ଗାଁ ସାଥୀ ସଂଘ ପକ୍ଷରୁ ଦାବିପତ୍ର

**ରାୟଗଡା ଅଫିସ୍, ୧୬।୨**

ଗାଁ ସାଥୀମାନଙ୍କ ବିଭିନ୍ନ ସମସ୍ୟା ନେଇ ୭ ଦଫା ସମ୍ବଳିତ ଏକ ଦାବିପତ୍ର ଗାଁ ସାଥୀ ସଂଘ ପକ୍ଷରୁ ରାୟଗଡ଼ା ଜିଲା ପ୍ରକଳ୍ପ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି । ଗାଁ ସାଥୀମାନଙ୍କୁ ମାସକୁ ୧୦ଦିନ କାର୍ଯ୍ୟ ଯୋଗାଇ ସେମାନଙ୍କୁ ପାରିଶ୍ରମିକ ପ୍ରଦାନ କରିବା ପାଇଁ ପଞ୍ଚାୟତିରାଜ ବିଭାଗ ପକ୍ଷରୁ ଗତ ଅଗଷ୍ଟ ୨୦ ତାରିଖରେ ଜିଲାପାଳମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ହେଲେ ସରକାରଙ୍କ ନିର୍ଦ୍ଦେଶକୁ ଜିଲାପାଳ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀମାନେ କାର୍ଯ୍ୟକାରୀ କରୁ ନ ଥିବା ଗାଁ ସାଥୀମାନେ ଅଭିଯୋଗ କରିଛନ୍ତି। ୨୦୦୮ରେ ନିଯୁକ୍ତି ପାଇଥିବା ଗାଁ ସାଥୀମାନଙ୍କ ଡାଟାବେସ ସଂଗ୍ରହ କରିବା ପାଇଁ ଦାବି କରାଯିବା ସହ ୨୦୧୩ ଡିସେମ୍ବରରେ ସରକାରଙ୍କ ତରଫରୁ ଗାଁ ସାଥୀମାନଙ୍କୁ ମେଟ ଚୟନ ପାଇଁ ଦିଆଯାଇଥିବା ନିର୍ଦ୍ଦେଶ କାର୍ଯ୍ୟକାରୀ କରିବା, ମେଟ ତାଲିକାରୁ ବାଦ ପଡିଥିବା ଗାଁ ସାଥୀଙ୍କୁ ତୁରନ୍ତ ତାଲିକାଭୁକ୍ତ କରିବା, ପ୍ରତି ବ୍ଲକ୍‌ରେ ତାଲିମ ପ୍ରଦାନ କରିବା ଆଦି ଦାବି କରିଛନ୍ତି। ତୁରନ୍ତ ଜିଲାସ୍ତରରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ ହେଲେ ଆନ୍ଦୋଳନାତ୍ମକ ପନ୍ଥା ଗ୍ରହଣ କରାଯିବ ବୋଲି ଉକ୍ତ ଦାବିପତ୍ରରେ ଉଲ୍ଲେଖ ରହିଛି। ଦାବିପତ୍ର ପ୍ରଦାନ ସମୟରେ ବନମାଳୀ ହିକ୍କା, ଜଗାରାଓ ମିଣିଆକା, ସହଦେବ କୌଶଲ୍ୟା ପ୍ରମୁଖ ଉପସ୍ଥିତ ଥିଲେ।

## ନୂତନ ଜିଲାପାଳଙ୍କ ଗୁଣପୁର ପରିଦର୍ଶନ

**ଗୁଣପୁର, ୧୬।୨(ଡି.ଏନ.ଏ)**

ରାୟଗଡା ଜିଲାପାଳ ଭାବେ ପ୍ରମୋଦ କୁମାର ବେହେରା ଯୋଗଦେବା ପରେ ଶନିବାର ଗୁଣପୁର ଗସ୍ତ କରିଥିଲେ । ସେ ବିଭିନ୍ନ ପ୍ରସଙ୍ଗରେ ସ୍ଥାନୀୟ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ । ଆରଏମସି ଏବଂ ବ୍ଲକ ଅଫିସରେ ପ୍ରିଜାଇଡିଂ ଅଫିସର ଏବଂ ପ୍ରଥମ ପୋଲିଂ ଅଫିସରମାନଙ୍କ ନିର୍ବାଚନ ତାଲିମ କାର୍ଯ୍ୟକ୍ରମରେ ତଦାରଖ କରିଥିଲେ । ମ୍ୟୁନିସିପାଲିଟି ଅଫିସ ଯାଇ ବିଭିନ୍ନ ବିଷୟ ଅନୁଧ୍ୟାନ କରିଥିଲେ । ଉପଜିଲାପାଳଙ୍କ କାର୍ଯ୍ୟାଳୟରେ ପହଁଞ୍ଚି ଚଳିତ ନିର୍ବାଚନ ନିମନ୍ତେ ଷ୍ଟ୍ରଙ୍ଗ ରୁମ ଏବଂ କାଉଣ୍ଟିଂ ହଲ ପାଇଁ ଆଲୋଚନା କରିଥିଲେ । ପିଡି ଡିଆରଡିଏ ଅମ୍ରିତ ଋତୁରାଜ , ଉପଜିଲାପାଳ ଡ.ସିଦ୍ଧେଶ୍ୱର ବଳିରାମ ବନ୍ଦର ଉପସ୍ଥିତ ଥିଲେ ।


ଜିଲାପାଳ ଅନ୍ୟ ଅଧିକାରୀଙ୍କ ସହ ଆଲୋଚନା କରୁଛନ୍ତି।

## ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା କାର୍ଯ୍ୟକ୍ରମ

**ଚନ୍ଦ୍ରପୁର, ୧୬।୨(ଡ଼ି.ଏନ.ଏ)**

ରାୟଗଡ଼ା ଜିଲା ଚନ୍ଦ୍ରପୁର ବ୍ଲକ ସଦର ମହକୁମାରେ ଥିବା ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆଠାରେ ଶନିବାର ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଛି । ଏଥିରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଜଗନ୍ନାଥ ନୁଣ୍ଡ୍ରୁକା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହାକୁ ଶୁଭାରମ୍ଭ କରିଥିଲେ । ପରେ ଜମ୍ମୁ କଶ୍ମୀରରେ ଆତଙ୍କବାଦୀ ଆକ୍ରମଣରେ ଶହୀଦ ହୋଇଥିବା ଯବାନଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା । ପରେ ସମଗ୍ର ୮ଟି ପଞ୍ଚାୟତରୁ ଆସିଥିବା ଯୁବତୀଯୁବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଭଲିବଲ ମ୍ୟାଚ, ଦୌଡ଼, ଉଚ୍ଚଡ଼ିଆଁ, ଲମ୍ବଡ଼ିଆଁ ଆଦି କ୍ରୀଡ଼ା ପ୍ରତିଯୋଗିତା କରାଯାଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା । ଏଥିରେ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସଙ୍ଗୀତା ପଟିଙ୍ଗା, ଜିଲା ପରିଷଦ ସଭ୍ୟା ସରସ୍ୱତୀ ମାଳବିଶୋଇ, ଉପାଧ୍ୟକ୍ଷା ରେଣୁବାଳା ଭଞ୍ଜ, ବିଡ଼ିଓ ଜର୍ଜ ଡୁଙ୍ଗଡୁଙ୍ଗ, ସରପଞ୍ଚ ସୁଜିତ୍ କୁମାର ବ୍ରେଡ଼େକା, ଗ୍ରାମ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ତଲୱାର ଜେନା, ଉଦ୍ଧବ ଶବର, ଶ୍ରବଣ କୁମାର ସିଂ, ରାମଚନ୍ଦ୍ର ପାଢୀ,ଜୟନ୍ତୀ ଶବର ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ ସଂଯୋଜନା କରିଥିଲେ ।


କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି।